## ରଜ ଆସିଛି



ଲକ୍ଷ୍ମୀପ୍ରିୟା ଦାଶ

ଆସିଛି ଲୋ ରଜ ଆସିଛି
ବରଷକ ପରେ ଆସିଛି,
ଅସରା ଅସରା ଖୁସିର ପସରା
ସବୁ ମନେ ପୁଣି ଭରିଛି।
ପୋଡ଼ପିଠା ସାଥେ ରଜ ପାନ
ଘରେଘରେ ଆଜି ହସୁଛି
ହସଖୁସି ମନେ ନୂଆ କପଡ଼ା କୁ
ପୁଅ ଝିଅ ସବୁ ପିନ୍ଧିଛି।।
ରଜ ସଜବାଜ ଅଳତା ସିନ୍ଦୂର
ମଥାରେ ଚନ୍ଦନ ସାଜିଛି
ଦୋଳିର ପସରା ଫୁଲରେ ସଜାଇ
ରଜ ଗୀତ ସେଯେ ଭାସୁଛି।।
ଗୀରିଷମ ଶେଷ ବର୍ଷା ଆରମ୍ଭ
ତା ପାଇଁ ପସରା ମେଲିଛି,
ପହିଲି ଆଷାଢେ ଅସରା ମେଘ ରେ
ଧରଣୀ ଆନନ୍ଦ ଲଭୁଛି।
କୁଆଁରୀ କନିଆଁ ସାଜି ଗୁଜି ହୋଇ
ରଙ୍ଗ ଓଢ଼ଣୀ ରେ ସାଜିଛି,
ବରଷକୁ ଥରେ ଆସିଛି ପର୍ବ
ନିଦାଘ ପରଶ ଭୁଲିଛି।
ମନ ଆନନ୍ଦରେ ପାଳନ୍ତି ସଭିଏଁ
ଖୁସିର ପସରା ଛୁଟିଛି,
ବରଷ ବରଷ ଏମିତି ହରଷ
ସଭିଙ୍କ ମନକୁ ମୋହିଛି।

*ସମ୍ପାଦିକା ଗ୍ରାମ୍ୟରମ୍ୟ ଗଡ଼ମୋଟରୀ*
*ଡେଲାଙ୍ଗ, ପୁରୀ*
*ମୋ: ୮୩୨୭୭୩୩୮୧୩*

## ଉତ୍କଳର ଗଣପର୍ବ




ରାମଚନ୍ଦ୍ର ବେହେରା

ବାର ମାସେ ତେର ପରବରେ ଭରା
ଉତ୍କଳୀୟ ପରମ୍ପରା
ପରବଂକ ମଧ୍ୟେ ସର୍ବଶ୍ରେଷ୍ଠ ଆମ
ରଜ ପରବ ନିଆରା
ମନେ ପଡେ ପିଲାଦିନ
କେତେ ସଜବାଜ ଖୁସି ମଉଜରେ
କଟୁଥିଲା ତିନି ଦିନ।
ଗାଆଁ ପରିବେଶ ବାଗୁଡି ତାଆସ
ଲୁଡୁପାଲି ଖେଳ ମଜା
ନୂଆ ବସନରେ ଗାଆଁ ଝିଅଙ୍କର
କପାଳରେ ସାଜସଜା
କାହିଁ ଆଜି ରଜପାନ
ପାଶ୍ଚାତ୍ୟ ଢାଂଚାରେ ବଶ ଯୁବାପିଢି
ସଂସ୍କାର ସଂସ୍କୃତି ଲୀନ।
ଫଳବତୀ ହେବା ପୂର୍ବରୁ ଧରଣୀ
ହୋଇଥାଏ ରଜବତୀ
ଆଦ୍ୟ ଆଷାଢର ଶୁଭ ଆଗମନେ
ସ୍ନାନ କରେ ବସୁମତୀ
ଭୁଲେ ସେ ନିଦାଘ ଦୁଃଖ
ବରଷା ପରଶେ ହୋଇ ଶାନ୍ତସ୍ନିଗ୍ଧ
ନିଏ କମନୀୟ ରୂପ।
ଶକ୍ତି ସ୍ୱରୂପିଣୀ ବସୁଧା ମାତାକୁ
ମାନ ସନମାନ ଦେଇ
ଭକ୍ତିପୂତ ଚିତ୍ତେ ଧୂପ ନୈବେଦ୍ୟରେ
ପୂଜନ୍ତି ଭଉଣୀ ଭାଇ
ଶୁଭେ ଶଂଖ ହୁଳହୁଳି
ହଳଦୀ ପାଣିରେ ଗାଧୋଇ ଦିଅନ୍ତି
ଭକତି କୁସୁମାଂଜଳି।
ମାଟି ଓ ମେଘର ହୁଅଇ ମିଳନ
ଭିଜଇ ପବିତ୍ର ମହୀ
ଗହୀର କ୍ଷେତରେ ନୀଳ ଢେଉ ଖେଳେ
ନାନା ଶସ୍ୟ ରୂପ ନେଇ
ମାଆର କରୁଣା ବଳେ
ବରଷକ ଯାକ ଗାଆଁ ଗହୀରରେ
ସୁନାର ଫସଲ ଫଳେ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ଆସିଛି ରଜ



ପ୍ରତିଭା ଦାଶ

ମଧୁମାସ ଚାଲିଆସି ହୁଏ ବର୍ଷାର ଆଗମନ
ଭିଜାଭିଜା ମାଟିର ବାସ୍ନାରେ ବିଭୋର ଏ ତନୁମନ
ବାରିଧିର ପହିଲି ସ୍ପର୍ଶର ଛିଟା, ପଲ୍ଲବିତ କରେ ସବୁଜିମା
ପ୍ରଶମିତ ହୁଅଇ ନିଷ୍ଠୁର ଗ୍ରୀଷମର ଅସହ୍ୟ ବେଦନା ।
ମେଘମୁଖର ଗଗନରେ ଆସଇ ରଜର ସମ୍ଭାର
ଧରିତ୍ରୀ ମା ଶୋଇଛନ୍ତି ମାନି ବିଶ୍ରାମ ତିନିଦିନର
ମାଟି ଛୁଆଁ ହୁଅଇ ନିଷିଦ୍ଧ
ହ ?ଦୟରେ ଆଙ୍କି ଶ୍ରଦ୍ଧାର ଚିତ୍ରଣ ।
ପାଞ୍ଚଦିନ ବ୍ୟାପୀ ମୁଖର ଏ ପର୍ବ
ସଜବାଜ କରନ୍ତି ସଭିଏଁ
କଟା, ବଟା, ସଜଡା ପୁଣି କେତେ ଯେ ଆଡମ୍ବର
ସଜାଡି ରଖିଥାନ୍ତି ସୂଚୀ ତିନିଦିନର ।
ପହିଲି ରଜ ଆସଇ ଆନନ୍ଦ ଉଲ୍ଲାସ ନେଇ
ଗ୍ରାମରୁ ସହର ଯାଏଁ ଉତ୍ସବମୁଖର ହୋଇ
କୁମାରୀ ଓ ନାରୀମାନେ ପ୍ରତ୍ୟୁଷରୁ ନିତ୍ୟକର୍ମ ସାରି
ନବବସ୍ତ୍ର ବେଶ ପରିପାଟୀ କେତେ ରଙ୍ଗ ହୋଇ।
ପୋଡପିଠା, ଚକୁଳି ପୁଣି ନାନାଦି ବ୍ୟଞ୍ଜନ
ପିଠା ମିଠାରେ ଭାସଇ ସଭିଙ୍କର ମନ
ଗଛଡାଳ,ବରଓହଳରେ ପୁଣି ଦୋଳିବନ୍ଧା ହୁଏ
ବୋହୂଚୋରି କବାଡି ଖେଳରେ ପ୍ରକମ୍ପିତ ହୁଏ।
କୁମାରୀ ଓଠରେ ପୁଣି ରଜପାନ ନାଲି
ବସୁଧା ମା ହସୁଥାଏ ହୋଇ ଖିଲିଖିଲି
ତାପରେ ରଜସଂକ୍ରାନ୍ତି ପୁଣି ଭୂମିଦାହ ଆସେ
କେତେ ଯେ ମେଳାମଉଜ ଦେବୀ ପୀଠେ ବସେ।
ଦେବୀପୀଠ ମାନଙ୍କରେ ଭିଡର ଆସର
ଦର୍ଶନ ପାଇବା ଲାଗି ସଭିଏଁ ତତ୍ପର
ରଜ ତିନିଦିନ ପରେ ବସୁମତୀ ସ୍ନାନ
ପ୍ରତ୍ୟୁଷରୁ ଠାକୁରାଣୀ ଗାଧୁଆ ହୁଅଇ ସମ୍ପନ୍ନ।
ଧୁଆମୁଗ, ନଡିଆ, କଦଳୀ ପୁଣି ଆମ୍ବ ଓ ପଣସ
ଭୋଗଲାଗି କରାଯାଇ ହୁଏ ସମାବେଶ
ରଜସ୍ୱାଳା ଧରିତ୍ରୀ ମା ବିଶ୍ରାମର ତିନିଦିନ ପରେ
ଅଙ୍କୁରୋଦ୍ଗମ ନିମନ୍ତେ ନିଜକୁ ପ୍ରସ୍ତୁତି ସେ କରେ।
ଚଷାଭାଇ ମନରେ ହରଷ ଆସଇ
ନୂଆ ଫସଲ ପାଇଁ ସ୍ୱପ୍ନ ସେ ଦେଖଇ
ଏ ନୁହେଁ କେବଳ ଖାଲି ଖାଇ ଖେଳି ବୁଲିବାର କଥା
ଅଟେ ଏହା ଓଡିଆ ନାରୀ ପ୍ରତି ଶ୍ରଦ୍ଧା, ସମ୍ମାନର ଗାଥା ।

*ଗୁଣ୍ଡିଚା ବିହାର*
*ପୁରୀ:୯୪୩୭୨୮୦୫୯୯*

## ମେଦିନୀର ସ୍ୱର ରଜ



ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭିଜା ମାଟିର ମାଦକତା ଭରା ମହକରେ
ଆଜି ସ୍ତବ୍ଧ ହୋଇଯାଇଛି ସମୟର ଚକ,
ଆକାଶରୁ ଓହ୍ଲାଇ ଆସିଛି ସଜଳ ମେଘର ପଟୁଆର
ଗାଇବାକୁ ନାରୀତ୍ୱର ସେଇ ଗୁପ୍ତ ଅଭିଷେକ।
ସେ ଆଜି କୌଣସି ପରିଧି ଭିତରେ ବନ୍ଧା ନାହିଁ,
ନା ସେ କାହାର କନ୍ୟା, ଜାୟା କି ଭଗିନୀ
ଆଜି ସେ ନିଜେ ଏକ ସମ୍ପୂର୍ଣ୍ଣ ମହାକାବ୍ୟ,
ନିଜେ ହିଁ ସୃଷ୍ଟିର ପ୍ରଥମ ଅକ୍ଷର।
ତା' ପାଦର ଲାଲ୍ ଅଳତା କେବଳ ରଙ୍ଗ ନୁହେଁ,
ତାହା ଉର୍ବରତାର ଆଦ୍ୟ ସ୍ୱାକ୍ଷର,
ଯାହା ମାଟିକୁ ଶିଖାଏ ସହନଶୀଳତାର ପରିଭାଷା
ଆଉ ଜୀବନକୁ ଦିଏ ସବୁଜିମାର ପ୍ରତିଶ୍ରୁତି।
ଦୋଳିର ପ୍ରତିଟି ଝୁଙ୍କରେ
ପଛରେ ରହିଯାଏ ଅତୀତର ସବୁ ଶୋଷଣ
ଆଉ ଆଗକୁ ବଢ଼ିଯାଉଛି
ନୂଆ ସ୍ୱପ୍ନର ସୀମାହୀନ ଦିଗବଳୟ।
ତା' ଗୀତର ପ୍ରତିଟି ମୂର୍ଚ୍ଛନାରେ ଝଙ୍କୃତ ହେଉଛି
ସେଇ ଶତାବ୍ଦୀ ଶତାବ୍ଦୀର ନୀରବତା,
ଯାହା ଆଜି ସ୍ୱର ଖୋଜି ପାଇଛି...
ପ୍ରକୃତିର ଏଇ ଋତୁମତୀ ଉତ୍ସବର ତାଳେ ତାଳେ।
ପୋଡ଼ପିଠାର ପୋଡ଼ା ଅଂଶରେ ଯେମିତି ଲୁଚି ରହିଛି
ତା' ସଂଘର୍ଷର କଠିନ କାହାଣୀ,
ଆଉ ତା'ର ମନ ଭିତରେ ଜୀଇଁ ରହିଛି
ଅଫୁରନ୍ତ ପ୍ରେମ ଓ ମମତାର ଅମୃତ ବାଣୀ।
ରଜ ତ ପ୍ରକୃତି ଓ ପୁରୁଷର ସେଇ ନିଶବ୍ଦ ବୁଝାମଣା,
ଯେଉଁଠି ମାଟି ନିଜକୁ ସଜାଏ
ନୂଆ ଜୀବନର ଅଙ୍କୁରୋଦ୍ଗମ ପାଇଁ।
ହେ ନାରୀ, ତୁମେ ହିଁ ସେଇ ଧରିତ୍ରୀର ପ୍ରତିରୂପ,
ତୁମ ଭିତରେ ଶୋଇ ରହିଛି ଅସଂଖ୍ୟ ସୃଷ୍ଟିର ସମ୍ଭାବନା।
ଏ ରଜ ତୁମର ଅସ୍ତିତ୍ୱର ପୂଜା,
ଏ ରଜ ତୁମର ଅସୀମ ମହିମାର ବିନମ୍ର ବନ୍ଦନା।

*ନୟାଗଡ଼*
*ମୋ: ୯୪୩୭୬୪୨୯୪୭*

## ରଜଗୀତ



ପ୍ରବାସିନୀ ମିଶ୍ର

ଆସିଛି ଆସିଛି ରଜ
ଆସ ମିତ ଆମେ ହୋଇବା ସଜ
ହୋଇବା ସଜଲୋ କରିବା ଭୋଜି ମଉଜ ......
କେଶୁର ମାଇଲା ଗଜା
ପୋଡ ଏଣ୍ଡୁରି ସ୍ୱାଦ ଆହାକି ମଜା
ଆହାକି ମଜା ଲୋ
ଝିପିଝିପି ବର୍ଷା ଭିଜା
ଭାଇ ବାନ୍ଧିଲାଣି ଦୋଳି ଝୁଲୁଥିବା
ଆମେ ହୋଇଣ ମେଳି
ହୋଇଣ ମେଳି ଲୋ
ଖୁସିରେ ମାରିବା ତାଳି
ବନସ୍ତରେ ନାହିଁ ଗଜ
ବରଷକେ ସିନା ଆସିଛି ରଜ
ଆସିଛି ରଜ ଲୋ ନାହିଁ ଆଗ ସଜବାଜ
ହଳଦୀ ଗାଧୁଆ ନାହିଁ
ଅଳତା ଚନ୍ଦନ ଗଲା ଉଭେଇ
ଗଲା ଉଭେଇ ଲୋ
ଦୋଳି ପାଇଁ ଗଛ ନାହିଁ
ରଜ ପାନେ ଓଠ ନାଲି
ହସୁଥିଲେ ଝିଅ ଖିଲିଖିଲି
ଖିଲିଖିଲି ଲୋ ଥିଲା ସାଙ୍ଗ ସାଥୀ ବୋଲି
ଆମ ପର୍ବ ଆମ ଗର୍ବ
ସୁଖ ଶାନ୍ତି ସ୍ନେହ ମଧୁର ଭାବ
ମଧୁର ଭାବ ଲୋ ଏକତା ରଖିବା ସର୍ବ
ଆସଲୋ ସହି ସଙ୍ଗାତ
ଯେତେ ପରମ୍ପରା ପରବ ଯାତ
ପରବ ଯାତଲୋ ପାଳିଲେ ରହିବା ସୁସ୍ଥ
ପୂରୁବ ଗୌରବମାନ
ଐତିହ୍ୟ ସଂସ୍କୃତି ମହାସମ୍ମାନ
ମହା ସମ୍ମାନଲୋ ବଞ୍ଚାଇ ରଖିବା ପଣ ।
ସାହିତ୍ୟିକା-ସମ୍ପାଦିକା-ଦିବ୍ୟଦର୍ଶନ

*ଶ୍ରୀବିହାର ରାସ୍ତା, ପୁରୀ*
*ମୋ: ୬୩୭୧୦୭୨୦୫୯*

## ଆସୁଛି ରଜ



ନୀଳମଣି ଚାନ୍ଦ

ସବୁ ପ୍ରତୀକ୍ଷାର ଅନ୍ତ ଘଟିଥାଏ
ତୁମେ ଆସିଯିବା ପରେ
ନାଆଁ ଶୁଣୁ ଶୁଣୁ ମଜାମଉଜର
ଢେଉ ଉଠେ ପ୍ରତି ଘରେ ।
ଦୋଳିର ପରବ ଆମରି ଗରବ
ତୁମେ ଗଣପର୍ବଟିଏ
ବନସ୍ତେ ଡାକିଲା ଗଜ ଦୋଳିଗୀତ
ଲହରେଇ ଗାଏ କିଏ।
ପୋଡ଼ପିଠା,ପାନ ପର୍ବ ଆକର୍ଷଣ
ଚାଲେ ଲୁଡୁ,ଡୁଡୁ ଖେଳ
ଗାଆଁତୋଟାଟିରେ ଏକାଠି ହେବାର
ଇଏ ତ ଅସଲ ବେଳ ।
ତିନିଦିନର ତ ପର୍ବଟିଏ ଇଏ
ପହିଲି ରଜରୁ ସୁରୁ
ମଝିରଜଟି ତ ରଜସଂକ୍ରାନ୍ତି
ଭାବରେ ପାଳନ କରୁ।
ଭୂମିଦାହ ଭାବେ ଶେଷ ରଜ ଜଣା
ଗାଆଁରୁ ସହର ଯାଏ
ଚାଷୀଭାଇ ପାଇଁ ମନା ହୁଏ କାମ
ସିଏରେ ବିଶ୍ରାମ ପାଏ ।
ରଜଟି ଆସୁଛି ଗାଆଁଟି ହସୁଛି
ସହର ହସେ ତା ପାଇଁ
ଏ ଗଣପରବ ଆମରି ଗରବ
ମନରୁ ଭୁଲିବା ନାହିଁ ।

*ମନ୍ତ୍ରମାନୋର,*
*ଗୋଠପାଟଣା , ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*

## ଆସୁଅଛି ରଜ

■ ଦୀପକ କୁମାର ନାୟକ



କେତେ ଖୁସିନେଇ ଆସୁଅଛି ରଜ
ଆଉବା କେତେ ଯେ ଦିନ
କିପରି ପାଳିବେ ଝିଅବୋହୂମାନେ
ଦେଖୁଛନ୍ତି ସବୁ ସ୍ୱପ୍ନ ।।
ଗାଆଁଠୁ ସହର ଚାରିଦିନ ଧରି
ରଜ ପରବକୁ ପାଳି
ଝିଅବୋହୂ ଯେତେ ଖୁସି ଆନନ୍ଦରେ
ହୋଇବେ ଯେ କୋଳାକୋଳି ।।
କୁଆଁରୀ ଯେତେକ ପାଳିବାକୁ ରଜ
ପାଦତଳେ ଲାଗୁନାହିଁ
କେମିତି ପାଳିବେ ନଈ ତୁଠରେ ସେ
ଆଲୋଚନା କରୁଥାଇ ।।
ବିଦେଶରେ ଥିବା ସ୍ୱାମୀକୁ ନିଇତି
ଡାକେ ଭାରି ଶରଧାରେ
ଚାରିଦିନଯାକ କେମିତି ପାଳିବେ
ପଡ଼ିଛନ୍ତି ଭାବନାରେ ।।
ସ୍ୱାମୀର କୋଳରେ ବସିକି ଭିଡ଼ିଓ
କରିବ କେମିତି ଭାବେ
ଏଇକଥା ଭାବି ରାତିସାରା ଜମା
ନିଦ ତାହାକୁ ନ ଲାଗେ ।।

*ଯୁବସାମ୍ବାଦିକ, ଢେଙ୍କାନାଳ*
*ମୋ: ୮୬୩୭୨୬୧୮୨୮*

## ରଜ ମଉଜ



ନିରଞ୍ଜନ ସାହୁ

ଗ୍ରୀଷମ ଋତୁର ଶେଷ ଲଗନରେ
ଧରାକୁ ଆସିଛି ରଜ
ଦୋଳି ଖେଳୁଖେଳୁ କୁମାରୀ ଗାଆନ୍ତି
ବନସ୍ତେ ଡାକିଲା ଗଜ ।
ଓଡ଼ିଶା ମୁଲକେ ଗଣପର୍ବ ନାମେ
ରଜର ରହିଛି ଯଶ
ରଜ ମଉଜ ନାମରେ ବିଖ୍ୟାତ
ସଭିଙ୍କ ଓଠରେ ହସ
ରଜରେ ଟିକିଏ ଦୋଳି ଖେଳିବାକୁ
ମନ ହୁଏ ଖଜଖଜ ।
କୃଷିଭିତ୍ତିକ ଏ ପରବ ଆଣଇ
ମନରେ ବହୁତ ଖୁସି
ରାଜା ଠାରୁ ରଙ୍କ ସଭିଏଁ ଆନନ୍ଦ
କେହି ନ ବସନ୍ତି ରୁଷି
ରଜ ପାଳିବାକୁ ପଲ୍ଲୀରୁ ନଗର
ସଭିଏଁ ହୁଅନ୍ତି ସଜ ।
ପ୍ରତି ଘରେଘରେ ପୋଡ଼ପିଠା ହୁଏ
ମହମହ ବାସୁଥାଏ
ରସାଳ, ପଣସ, କଦଳୀ, ଦହିର
ସାଥେ ପିଠା ଖିଆଯାଏ
ତିନି ଦିନ ଧରି ବୁଲାବୁଲି ସାଥେ
ବନ୍ଧୁ ଗହଣରେ ହଜ ।
କୁମାରୀମାନେ ଯେ ନୂଆବସ୍ତ୍ର ପିନ୍ଧି
ନିଜକୁ ସଜାଇ ଦେଇ
ସାହିସାହି ବୁଲି ଦୋଳି ଖେଳୁଥାନ୍ତି
ମନରେ ଆନନ୍ଦ ନେଇ
ଯୁବକେ କବାଡି ଖେଳରେ ମାତନ୍ତି
ଗୁଡ଼ିଉଡ଼ା କଥା ଭଜ ।

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ*
*ମୋ-୯୯୩୮୭୪୧୫୮୩*

## ରଜ



ପ୍ରଶାନ୍ତ କୁମାର ନାଥ

ରଜ ଆସିଲେ ଗାଁ ହୁଏ ଉତ୍ସବମୁଖର
ହସ ଖୁସିରେ ହୁଅନ୍ତି ସବୁ ବିଭୋର।
ପ୍ରତି ଘରୁ ଭାସି ଆସେ ମିଠା ସୁବାସ
ସଭିଙ୍କ ଓଠରେ ଖେଳେ ମୁରୁକି ହସ।
ଆମ୍ବ ପଣସରେ ଭରିଯାଏ ଅଗଣା
ଖୁସିରେ ନାଚି ଉଠଇ ମନ ଠିକଣା।
ପବନରେ ଭାସି ଆସେ ରଜର ଗୀତ
ଆନନ୍ଦରେ ଭରିଯାଏ ପ୍ରତିଟି ଚିତ୍ତ।
ଗାଆଁମୁଣ୍ଡ ବୁଢା ବରଗଛର ଡାଳେ
ଦୋଳି ଝୁଲୁଥାଏ କେତେ ରଙ୍ଗିନ ତାଳେ।
ନୂଆ ବସନକୁ ପିନ୍ଧି କୁଆଁରୀ ଝିଅ
ଓଠେ ତାଙ୍କ ଖେଳୁଥାଏ ହସର ସୁଅ ।
ସାଙ୍ଗ ସାଥୀଙ୍କ ମେଳରେ ସଭିଏଁ ମିଶି
ଗୀତ ଗାଉଥାନ୍ତି କେତେ ଖୁସିରେ ହସି।
ଦୋଳିର ତାଳରେ ପୁଣି ଦୋଳାଇ ମନ
ଖେଳି ବୁଲି ସିଏ କାଟି ଦିଅନ୍ତି ଦିନ ।
ଗାଆଁର ଯୁବକ ଯେତେ କବାଡ଼ି ଖେଳେ
ବିଜୟ ନିଶାରେ ପୁଣି ମନକୁ ମେଳେ।
ଆନନ୍ଦରେ ନାଚି ଉଠଇ କୃଷକ ପ୍ରାଣ
ଛାଡ଼ି ଦିଏ ତା'ର ଯେତେ ଚାଷର ରଣ।
ତାସ ଖେଳର ପୁଣି ଜମେ ଆସର
ହସ ମଜାରେ କଟୁଥାଏ ପହର।
କ୍ଲାନ୍ତ ଜୀବନ ପାଏ ଟିକେ ବିଶ୍ରାମ
ରଜ ଆଣିଦିଏ ପୁଣି କେତେ ସମ୍ମାନ ।
ଘରର ଯେତେ ମାଆ ଭଉଣୀମାନେ
ବ୍ୟସ୍ତ ଥା'ନ୍ତି ସେମାନେ ପିଠାର ଧ୍ୟାନେ।
ଆରିସା,ଚକୁଳି,ମଣ୍ଡା, କାକରା ସ୍ୱାଦ
ସବୁଥିରେ ଭରି ରହିଥାଏ ସ୍ନେହରେ ଗନ୍ଧ ।
ରଜ କେବଳ ଏକ ପରବ ନୁହେଁ
ଓଡ଼ିଆ ମାଟିର ଗର୍ବ ଗୌରବ ସିଏ।
ସଂସ୍କୃତି, ପ୍ରେମ, ଆଉ ମିଳନ ସୁର
ଯୁଗେ ଯୁଗେ ରହିଥିବ ହୋଇ ଅମର।
ଆସୁଥାଉ ପ୍ରତିବର୍ଷ ଏମିତି ରଜ
ଚାଲୁଥାଉ ପୁଣି ଏହି ରଜ ମଉଜ
ଗାଆଁ ମାଟିର ସେହି ମଧୁର ସ୍ମୃତି
ଚିରଦିନ ରହିଥାଉ ତାହାରି ଖ୍ୟାତି ।

*ସୁନ୍ଦରପୁର, ପ୍ରୀତିପୁର, ଯାଜପୁର*
*ମୋ: ୮୩୧୦୩୨୮୩୪୫*

## ରଜମଉଜ



ସୁନନ୍ଦା ମହାନ୍ତି

ରଜ ର ଡାଲାରେ ପୋଡ଼ପିଠା
ରଜ ଭୋଗେଇରେ କୋରା ମିଠା
ରଜ ପିଆଲା ରେ ଦୋଳି ପକା ଉଠା
ରଜ ଦୋଳି ଗୀତ ଅତୀତ ଅଠା
ରଜ ସଜବାଜ ସିରିଶ ଅଠା
ରଜ ଖିଲିପାନ ଗୁଆ ସିଠା
ରଜ ମଉଜ ଭାରି ମିଠା
ରଜ ସଜବାଜ ନଡ଼ିଆ ଗୁଆ ଗୋଟା
ଲୁଡୁ ତାସ କବାଡି ପୁଆ ଗୋଟା ଗୋଟା
ମନ କୁଣ୍ଢେମୋଟ ଗୁଆ ଖୋଳପା ମଠା
ପିଠା ମିଠା ସିଠା ଆମ୍ବ ପଣସ କୋଳଗୋଟା
ରଜ ଆସିଛି ହେଇ ନିଲଠା
ରଜ ଗଜ ରାଜ ଭାରି ମୋଟା
ରଜ କାଠିକୁଟା ଯୋଡି ପୋଡ଼ପିଠା
ସଜବାଜ ତିନିଦିନ ଚନ୍ଦନ ପାଟି ମୁହଁ ଗୋଟା
ରଜ ପରବ କୃଷିର ପରବ ଭାଇଚାରା ଅଠା
ମୌସୁମୀ ଡାକୁଛି କୁଆପଥର ଗୋଟା
ବରଷା ଆସୁଛି ପୂରୁବ ଦିଗରୁ ଧରି କାଠିକୁଟା
କୃଷକ ଭାଇର ମନ ମୋଟା
ଆକାଶେ ଜଳଦ ଭାଷେ ଗୋଟା
ରଜ ମଉଜ କଇଞ୍ଚିରେ ବର୍ଷା ତାଲା ଫିଟା
ରଜମଉଜ ପିଠା ମିଠା ମେଘଛିଟା
ଘର ବାହାର ଆକାଶ ପାତାଳ ହୁଳହୁଳି ଫଟା
କୃଷି ଓ କୃଷକ ମନ ଧନ ଜୀବନ ଅଠା ସିଠା
ରଜମଉଜ ଆସିବ ଓ ଯିବ ଚାହିଁଥା ବର୍ଷଗୋଟା

*ସାକ୍ଷୀଗୋପାଳ, ପୁରୀ*
*ମୋ: ୯୦୪୦୯୭୭୩୨୭*

## ଆଞ୍ଜୁଳାଏ ରଜଗୀତ



ସୁଜିତ କୁମାର ମିଶ୍ର

ଦୋଳି
ରଜ ପରବରେ ଦୋଳିରେ ଝୁଲିବା
ଅପାର ସରଗ ସୁଖ,
ସେଇ ସୁଖ ଆଜି ସପନ ହୋଇଛି
ବଢି କାମନାର ଭୋକ ।
ପିଠାପଣା
ମନ ହାଇଁ ପାଇଁ ଗ୍ରାସିବା ପାଇଁକି
ମାଆହାତ ପିଠାପଣା,
ଏବେ ତ ମନଟି ପିଜା, ଚାର୍ଟ ମୋହେ
ହେଉଅଛି ବାଟବଣା ।
ପ୍ରତିଯୋଗିତା
ଗାଆଁ ଦାଣ୍ଡ ପଡେ ଉଠେ ଦେଖି ଆହା
ବିବିଧ ପ୍ରତିଯୋଗିତା,
ସବୁରି ଦୁଆରେ ଶିକୁଳି ଏବେ ତ
ବିରାଜିଛି ନୀରବତା ।
ଝିଅ ଝିଆଣୀ
ଝିଅ ଝିଆଣୀଙ୍କ ଆଗମନେ ଘରେ
ଆସୁଥିଲା ମଧୁମାସ,
ମନ ମନ ମଧ୍ୟେ ଏବେ ତ ଅନ୍ତର
ସତେ ବୈଶାଖର ରୋଷ ।
ପାନ
ରଜ କଟୁଥିଲା ଖିଲିପାନ ସହ
ଭାବଥିଲା ବାଟେଘାଟେ,
ଦେଶୀ ଓ ବିଦେଶୀ ପାନୀୟ ତ ଏବେ
ଗାଆଁ ସହରରୁ ଛୁଟେ ।
ରଜଗୀତ
ମନ ଉପବନ ହୁଏ ମହୋତ୍ସବ
ରଜଗୀତ ମୂର୍ଚ୍ଛନାରେ,
ନୀରବି ଗଲାକି ମଧୁର ମୁହୂର୍ତ୍ତ
ଡିଜେସେଟ୍ ଔଦ୍ଧତ୍ୟରେ ।

*ଜନାର୍ଦ୍ଦନପୁର ଶାସନ,*
*କେନ୍ଦୁଝର*
*ମୋ: ୭୬୮୩୮୬୭୭୪୨*

